# ଓଡ଼ିଆ ଭର୍ଚ୍ଚୁଆଲ୍ ଏକାଡ଼େମୀ




### ଏକାଡ଼େମୀ ସମ୍ପର୍କରେ

ଖ୍ରୀଷ୍ଟପୂର୍ବ ସମୟରୁ ଓଡ଼ିଆ ଏକ ପ୍ରାଚୀନ ଭାଷା । ଭାଷାଭିତ୍ତିରେ ଗଠିତ ହେବାରେ ଓଡ଼ିଶା ହେଉଛି ଭାରତର ପ୍ରଥମ ରାଜ୍ୟ । ଓଡ଼ିଆ ସାହିତ୍ୟକୁ ଋଦ୍ଧିମନ୍ତ କରିବା ଦିଗରେ ଅନେକ ବିଦ୍ୱାନ ଉଲ୍ଲେଖନୀୟ ଅବଦାନ ରଖିଯାଇଛନ୍ତି । ଓଡ଼ିଆ ଭାଷା, ସାହିତ୍ୟ ଓ ଅଭିଧାନର ବିକାଶ, ପ୍ରୋତ୍ସାହନ ଓ ଆଦୃତିକୁ ବିଶ୍ୱବ୍ୟାପୀ କରିବା ନିମନ୍ତେ ଇଲେକ୍ଟ୍ରୋନିକ୍ସ ଓ ସୂଚନା-ପ୍ରଯୁକ୍ତି ବିଦ୍ୟା ବିଭାଗ ଅଧୀନରେ ଓଡ଼ିଆ ଭର୍ଚ୍ଚୁଆଲ୍ ଏକାଡେମୀ ପ୍ରତିଷ୍ଠା କରାଯାଇଥିଲା । ସାରା ବିଶ୍ୱରେ ବସବାସ କରୁଥିବା ଓଡ଼ିଆମାନଙ୍କ ନିମନ୍ତେ ଡିଜିଟାଇଜେସନ୍ ଏବଂ ଇଣ୍ଟରନେଟ୍ ଆଧାରିତ ସମ୍ବଳ ଓ ସୁଯୋଗ ଦ୍ୱାରା ଓଡ଼ିଆ ପୁସ୍ତକ, ପତ୍ରପତ୍ରିକା, ପୁରୁଣା ଗୀତ, ପାଣ୍ଡୁଲିପି, ବିଧାନସଭା ଅଭିଭାଷଣ, ଅଭିଲେଖ ଦଲିଲ୍ ଦସ୍ତାବିଜ୍‌ଗୁଡିକର ତ୍ୱରିତ୍ ବିବର୍ଦ୍ଧନ ଓ ଲୋକପ୍ରିୟତାକୁ ଉତ୍ସାହିତ କରିବା ଦିଗରେ ଏହା ଏକ ସଂଗଠିତ ପଦକ୍ଷେପ ଅଟେ । ସାଇବର୍ ବ୍ୟବସ୍ଥା ମାଧ୍ୟମରେ ଭବିଷ୍ୟତ ବଂଶଧରମାନଙ୍କ ସମ୍ମୁଖରେ ଅତୀତ ଓ ବର୍ତ୍ତମାନକୁ ଉପସ୍ଥାପନପୂର୍ବକ ଜ୍ଞାନ ଓ ବିଜ୍ଞାନର ଭାଷା ଭାବରେ ଓଡ଼ିଆକୁ ସ୍ୱୀକୃତି ପ୍ରଦାନ ଓ ବିଶ୍ୱବ୍ୟାପୀ କରିବା ହେଉଛି ଓଡ଼ିଆ ଭର୍ଚ୍ଚୁଆଲ୍ ଏକାଡେମୀର ପ୍ରଥମ ଓ ପ୍ରମୁଖ ଉଦ୍ଦେଶ୍ୟ ।

### ଲକ୍ଷ୍ୟ

୧. ବିରଳ ଓଡ଼ିଆ ପୁସ୍ତକ, ଅଭିଧାନ, ପୁରାତନ ପତ୍ରପତ୍ରିକା, ପାରମ୍ପରିକ ସଂଗୀତ, ପୁରାତନ ଦଲିଲ୍ ଦସ୍ତାବିଜ୍, ବିଜ୍ଞାନ ଓ ଇତିହାସ ଆଧାରିତ ସାହିତ୍ୟ, ଲୋକ ସଂସ୍କୃତି, ଜନଜାତିଙ୍କ ଭାଷା ଓ ସାହିତ୍ୟ, ଇତିହାସକେନ୍ଦ୍ରିକ ପ୍ରବନ୍ଧାବଳୀ, ମହାପୁରୁଷମାନଙ୍କ ଅଭିଭାଷଣ, ଶ୍ରୀଜଗନ୍ନାଥ ସଂସ୍କୃତି, ମନ୍ଦିର ଓ ସ୍ଥାପତ୍ୟ ଇତ୍ୟାଦିର ଡିଜିଟାଇଜେସନ୍ ଓ ସଂରକ୍ଷଣ ।

୨. ଓଡ଼ିଆ ଭାଷା ସମ୍ପଦର ସମୃଦ୍ଧି ଓ ସୁରକ୍ଷା କରିଥିବା କବି, ଲେଖକ, ନାଟ୍ୟକାର, ସାମ୍ବାଦିକ, ସମାଲୋଚକ, ଅନୁବାଦକ ଓ ପ୍ରବୀଣ ସାରସ୍ୱତ ସାଧକମାନଙ୍କ ଉଲ୍ଲେଖନୀୟ ଅବଦାନଗୁଡ଼ିକର ସଂରକ୍ଷଣ ।

୩. ଭାଷା ସମ୍ବଳରେ ବର୍ତ୍ତମାନ ପରିଦୃଷ୍ଟ କମ୍ପ୍ୟୁଟର ଓ ଇଣ୍ଟରନେଟ୍‌ଭିତ୍ତିକ ପ୍ରୟୋଗ ଅଭ୍ୟାସ ଉପରେ ଧ୍ୟାନାରୋପ, କାର୍ଯ୍ୟ ଓ ପ୍ରୋତ୍ସାହନ ।

୪. କମ୍ପ୍ୟୁଟରରେ ଓଡ଼ିଆ ଭାଷାର ସରଳ ଓ ସହଜ ବ୍ୟବହାର ନିଶ୍ଚିତ କରାଇବା ସହିତ ଅନୁରୂପ ଗବେଷଣା ନିମନ୍ତେ ଯଥାଯୋଗ୍ୟ ସରକାରୀ/ଘରୋଇ ସଂଗଠନ, ପ୍ରତିଷ୍ଠାନ, ଏକାଡେମୀ, ରାଜ୍ୟ ଏବଂ ଦେଶର ବିଶ୍ୱବିଦ୍ୟାଳୟଗୁଡ଼ିକ ସହିତ ସମ୍ବନ୍ଧ ସ୍ଥାପନ ।

୫. ଶବ୍ଦ ଜ୍ଞାନ ଓ ବ୍ୟାକରଣ ଭାଷା ନିମନ୍ତେ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ହୋଇଥିଲେ ହେଁ ଇଣ୍ଟରନେଟ୍‌ଭିତ୍ତିକ ଅଭିଧାନ, ଶବ୍ଦକୋଷ ଓ ଜ୍ଞାନକୋଷ ଇତ୍ୟାଦିର ପ୍ରସ୍ତୁତି ।

୬. ବିଭିନ୍ନ ସେବା ଓ ତଥ୍ୟ ପ୍ରାପ୍ତି ନିମନ୍ତେ କ୍ରମବର୍ଦ୍ଧମାନ ଲୋକପ୍ରିୟ ଧାରା ଦୃଷ୍ଟିରୁ ଅନ୍‌ଲାଇନ୍/ଇଣ୍ଟରନେଟ୍ ଆଧାରିତ ଭାଷାଗତ ଓ ସାଂସ୍କୃତିକ ସମ୍ବଳର ଉପଲବ୍ଧି ।

୭. ସାର୍ବଜନୀନ 'ୟୁନିକୋଡ୍ ଫୋଣ୍ଟ୍'ର ବ୍ୟବହାର ଓ ପ୍ରୟୋଗର ବିକାଶ ଓ ପ୍ରସାର କରିବା ଏବଂ ତଦନୁଯାୟୀ ଅନୁକୂଳ ଇଣ୍ଟରନେଟ୍ ବ୍ୟବହାରକୁ ଉତ୍ସାହିତ କରିବା ।

୮. ପ୍ରତ୍ୟେକ ସ୍ତରରେ ଓଡ଼ିଆ କମ୍ପ୍ୟୁଟର ଟାଇପ୍‌କୁ ସରଳ ଓ ଗ୍ରହଣୀୟ କରିବା ନିମନ୍ତେ ସୁଲଭ ମୂଲ୍ୟରେ କିମ୍ବା ବିନା ମୂଲ୍ୟରେ ତତ୍‌ସମ୍ପର୍କିତ ସଫ୍ଟୱେୟାର କିମ୍ବା ଟାଇପ୍ ଉପକରଣ ଯୋଗାଇଦେବା ।

୯. ସମସାମୟିକ ଏବଂ ନୂତନ ପିଢିଭିତ୍ତିକ ପ୍ରଦର୍ଶନ ଦ୍ୱାରା ଓଡ଼ିଆ ଭର୍ଚୁଆଲ୍ ସମ୍ପଦର ସମୃଦ୍ଧି ନିମନ୍ତେ ଉପଯୁକ୍ତ ବାତାବରଣ ସୃଷ୍ଟି କରିବା ।

୧୦. ଅନ୍ୟାନ୍ୟ ଭାଷାଗୁଡ଼ିକରୁ ଓଡ଼ିଆକୁ ଲିପ୍ୟନ୍ତରଣକୁ ସହଜ, ବିକଶିତ ତଥା ସରଳ କରିବା ।

୧୧. ଓଡ଼ିଶା ବାହାରେ ବସବାସ କରୁଥିବା ଲୋକଙ୍କ ନିମନ୍ତେ ଇଂରାଜୀ, ଫରାସୀ, ଜର୍ମାନ୍, ଜାପାନୀ ଓ ସ୍ପାନିଶ୍ ଭାଷାର ସହଜ କଥିତ ଉପକ୍ରମଣିକା (ପ୍ରାଇମର୍) ବିକାଶ କରିବା ।

❖ ❖ ❖